# ପୁଲିସ କମିଶନରେଟ ଭୁବନେଶ୍ୱର-କଟକ
# ଛାତ୍ର ଓ ଛାତ୍ରୀ ଟ୍ରାଫିକ୍ ସ୍ୱେଚ୍ଛାସେବୀ ପଦବୀ ପୂରଣ ନିମନ୍ତେ

ପୁଲିସ କମିଶନରେଟ ଅନ୍ତର୍ଗତ ଭୁବନେଶ୍ୱର ଏବଂ କଟକ ସହରାଞ୍ଚଳ ଆରକ୍ଷୀ ଜିଲ୍ଲାରେ ନିମ୍ନଲିଖିତ ଖାଲିଥିବା ଛାତ୍ର/ଛାତ୍ରୀ ଟ୍ରାଫିକ୍ ସ୍ୱେଚ୍ଛାସେବୀ ପଦବୀ ପୂରଣ ନିମନ୍ତେ ନିର୍ଦ୍ଧାରିତ ଫର୍ମରେ ଦରଖାସ୍ତ ଆହ୍ୱାନ କରାଯାଉଅଛି ।

ଭୁବନେଶ୍ୱର ସହରାଞ୍ଚଳ ଆରକ୍ଷୀ ଜିଲ୍ଲା - ୪୦୦

କଟକ ସହରାଞ୍ଚଳ ଆରକ୍ଷୀ ଜିଲ୍ଲା - ୨୦୦

ଭୁବନେଶ୍ୱର ସହରାଞ୍ଚଳ ଆରକ୍ଷୀ ଜିଲ୍ଲାପାଇଁ ଦରଖାସ୍ତ ଗୁଡ଼ିକ ଏ.ସି.ପି.,ଟ୍ରାଫିକ୍, ଭୁବନେଶ୍ୱରଙ୍କ କାର୍ଯ୍ୟାଳୟରେ ଏବଂ କଟକ ସହରାଞ୍ଚଳ ଆରକ୍ଷୀ ଜିଲ୍ଲାପାଇଁ ଦରଖାସ୍ତ ଗୁଡ଼ିକ କଟକ ମଧୁପାଟଣା ଛକ ସ୍ଥିତ ଏ.ସି.ପି.,ଟ୍ରାଫିକ୍, କଟକଙ୍କ କାର୍ଯ୍ୟାଳୟରେ ତା. ୦୭.୦୧.୨୦୨୨ ରିଖ ସଂନ୍ଧ୍ୟା ୫ ଘଟିକା ସୁଧା ଦାଖଲ କରିବେ । ନିର୍ଦ୍ଧାରିତ ତାରିଖ ପରେ ଦାଖଲ କରାଯାଇଥିବା ଦରଖାସ୍ତ ଓ ଅସମ୍ପୂର୍ଣ ଦରଖାସ୍ତ ଗୁଡ଼ିକ ବିଚାରକୁ ନିଆଯିବ ନାହିଁ । ଏଥିପାଇଁ ଆବଶ୍ୟକୀୟ ନିୟମାବଳୀ ଓ ଦରଖାସ୍ତ ଫର୍ମ ଭୁବନେଶ୍ୱର ଏ.ଜି. ଛକ ସ୍ଥିତ ଏ.ସି.ପି.,ଟ୍ରାଫିକ୍, ଭୁବନେଶ୍ୱର ଏବଂ କଟକ ମଧୁପାଟଣା ଛକ ସ୍ଥିତ ଏ.ସି.ପି.,ଟ୍ରାଫିକ୍, କଟକଙ୍କ କାର୍ଯ୍ୟାଳୟରେ ବିନା ମୂଲ୍ୟରେ ମିଳିବ । କମିଶନରେଟ ପୁଲିସ ୱେବସାଇଟ www.bhubaneswarcuttackpolice.gov.in ରେ ମଧ ଏହା ଉପଲବ୍ଧ ହେବ ।

## ଛାତ୍ର ଓ ଛାତ୍ରୀ ଟ୍ରାଫିକ ସ୍ୱେଚ୍ଛାସେବୀ ପଦବୀ ପୂରଣ ନିମନ୍ତେ ଆବଶ୍ୟକୀୟ ନିୟମାବଳୀ

୧. ଦରଖାସ୍ତକାରୀ ଓଡିଶା ସରକାରଙ୍କର ସ୍ୱୀକୃତି ପ୍ରାପ୍ତ ଭୁବନେଶ୍ୱର ଏବଂ କଟକ ସ୍ଥିତ ଯେକୌଣସି ମହାବିଦ୍ୟାଳୟ କିମ୍ବା ବିଶ୍ୱବିଦ୍ୟାଳୟର ଛାତ୍ର/ଛାତ୍ରୀ ହେବା ଆବଶ୍ୟକ ।

୨. ଦରଖାସ୍ତକାରୀ ଭାରତୀୟ ନାଗରିକ ହୋଇଥିବେ ।

୩. ଦରଖାସ୍ତକାରୀଙ୍କ ବୟସ ୧୮ ବର୍ଷ ହୋଇଥିବ ।

୪. ସେ ଶାରୀରିକ, ମାନସିକ ଓ ସ୍ୱାସ୍ଥ୍ୟଗତ ଦୃଷ୍ଟିରୁ ଟ୍ରାଫିକ ପରିଚାଳନା ପାଇଁ ସକ୍ଷମ ହୋଇଥିବେ ।

୫. ଦରଖାସ୍ତକାରୀ ଯୋଗ୍ୟତମ ଉଚ୍ଚତା ବିଶିଷ୍ଟ ହୋଇଥିବା ଆବଶ୍ୟକ ।

୬. ଟ୍ରାଫିକ କାର୍ଯ୍ୟରେ ଥିବା ବେଳେ ଟ୍ରାଫିକ ପୁଲିସ ଅଧୀକାରୀଙ୍କ ନିର୍ଦ୍ଦେଶକୁ ମାନିବେ ଏବଂ ନିଜର ଇଚ୍ଛା ମୁତାବକ କୌଣସି କାର୍ଯ୍ୟ କରିବେ ନାହିଁ ।

୭. ଦରଖାସ୍ତ ଫର୍ମରେ ଦରଖାସ୍ତକାରୀ ଡ୍ୟୁଟି କରିବା ଲାଗି ନିଜ ପସନ୍ଦର ୩ ଗୋଟି ଟ୍ରାଫିକ ଛକର ନାମ ଦେବେ ଏବଂ ଡ୍ୟୁଟି କରିବାର ସମୟ ଯଥା – ସକାଳ ୯ ଟାରୁ ମଧ୍ୟାହ୍ନ ୧୨ ଟା କିମ୍ବା ସନ୍ଧ୍ୟା ୫ ଟାରୁ ରାତ୍ର ୮ ଟା ମଧ୍ୟରୁ ଗୋଟିଏ ବାଛିବେ ।

୮. ଦରଖାସ୍ତରେ ଦରଖାସ୍ତକାରୀଙ୍କ ସ୍ୱାକ୍ଷର ସହିତ ନିଜ ଅଞ୍ଚଳର କିମ୍ବା ବିଦ୍ୟାଳୟର ୨ ଜଣ ଭଦ୍ର ବ୍ୟକ୍ତିଙ୍କର ସ୍ୱାକ୍ଷର ସହିତ କଲେଜ ଅଧକ୍ଷଙ୍କର ସ୍ୱାକ୍ଷର ନିଶ୍ଚିତଭାବେ ରହିବା ଆବଶ୍ୟକ ।

୯. ଯେକୌଣସି ଫୌଜଦାରୀ ମାମଲାରେ ସମ୍ପୃକ୍ତ ନଥିବେ ।

୧୦.ପ୍ରାର୍ଥୀ ଉତ୍ତମ ଚରିତ୍ରର ହୋଇଥିବେ ଏବଂ ଭଲ ଚରିତ୍ର ବିଷୟରେ କଲେଜ ଅଧକ୍ଷଙ୍କ ଦ୍ୱାରା ଦରଖାସ୍ତରେ ଅନୁପ୍ରମାଣିତ ହୋଇଥିବେ ।

୧୧. ପ୍ରାର୍ଥୀଙ୍କର ନିଜ ନାମରେ ଜାତୀୟ ବ୍ୟାଙ୍କ ରେ ଜମାଖତା ଥିବା ଆବଶ୍ୟକ ।

୧୨. ପ୍ରାର୍ଥୀ କେବେ ନିଜ କାର୍ଯ୍ୟ କ୍ଷେତ୍ରରେ କୌଣସି ପ୍ରକାରର ଆନ୍ଦୋଳନାତ୍ମକ/ବିକ୍ଷୋଭ ପ୍ରଦର୍ଶନ କରିବେ ନାହିଁ ।

୧୩. ପ୍ରାର୍ଥୀ କାର୍ଯ୍ୟ କରୁଥିବା ସମୟରେ ପଦଚାରୀମାନଙ୍କୁ ଉତ୍ତମ ବ୍ୟବହାର ଦେଖାଇବା ସହିତ ନିଜେ ଅନୁଶାସିତ ହୋଇ ରହିବେ ।

୧୪. ଟ୍ରାଫିକ କାର୍ଯ୍ୟରତ ସମୟରେ ପୁଲିସ କମିଶନରେଟ ଲୋଗୋ ଥିବା ଟି- ସାର୍ଟ ଏବଂ ଟୋପି ପରିଧାନ କରିବେ ।

୧୫. ପ୍ରତ୍ୟେକ ଛାତ୍ର/ ଛାତ୍ରୀ ଟ୍ରାଫିକ ସ୍ୱେଚ୍ଛାସେବୀଙ୍କର କାର୍ଯ୍ୟ କରିବାର ଅବଧି ୧ ବର୍ଷ ଅଟେ । ଏହା ତାଙ୍କର କାର୍ଯ୍ୟ କରିବାର ଦକ୍ଷତା ଏବଂ ଅନୁଶାସନକୁ ଦେଖି ବୃଦ୍ଧି କରାଯାଇପାରିବ ।

୧୬. ଯଦି କୌଣସି ଛାତ୍ର/ ଛାତ୍ରୀ ଟ୍ରାଫିକ ସ୍ୱେଚ୍ଛାସେବୀ ଟ୍ରାଫିକ ନିୟନ୍ତ୍ରଣ କାର୍ଯ୍ୟ କରିବା ସମୟରେ ଯଦି କୌଣସି ଦୁର୍ଘଟଣା ଜନିତ କ୍ଷୟକ୍ଷତି ହୁଏ ସେଥିପାଇଁ କୌଣସି ପୁଲିସ ଅଧିକାରି ଦାୟୀ ରହିବେ ନାହିଁ ।

୧୭. ଯଦି କୌଣସି ଛାତ୍ର/ ଛାତ୍ରୀ ଟ୍ରାଫିକ ସ୍ୱେଚ୍ଛାସେବୀ ଉପରୋକ୍ତ ନିୟମାବଳିକୁ ଉଲଂଘନ କିମ୍ବା ବିଶୃଙ୍ଖଳା ଜନିତ କାର୍ଯ୍ୟ କଲେ ଯେକୌଣସି ସମୟରେ ବହିଷ୍କାର କରାଯିବ ।

୧୮. ଇଚ୍ଛୁକ ଓ ଯୋଗ୍ୟ ପ୍ରାର୍ଥୀମାନେ ସେମାନଙ୍କର ଦରଖାସ୍ତ ସମ୍ପୂର୍ଣ୍ଣ ଓ ସଠିକ ଭାବରେ ପୂରଣ କରିବା ସହ ସାକ୍ଷୀ ଓ ଶିକ୍ଷା ଅନୁଷ୍ଠାନର ମୁଖ୍ୟଙ୍କ ଦସ୍ତଖତ ସହିତ ଦରଖାସ୍ତ ଫର୍ମ ଗୁଡ଼ିକୁ ଭୁବନେଶ୍ୱର ଏ.ଜି. ଛକ ସ୍ଥିତ ଏ.ସି.ପି.,ଟ୍ରାଫିକ, ଭୁବନେଶ୍ୱରଙ୍କକାର୍ଯ୍ୟାଳୟରେ ଏବଂ କଟକ ମଧୁପାଟଣା ଛକ ସ୍ଥିତ ଏ.ସି.ପି.,ଟ୍ରାଫିକ, କଟକଙ୍କ କାର୍ଯ୍ୟାଳୟରେ ତା. ୦୭.୦୧.୨୦୨୨ ରିଖ ସଂନ୍ଧ୍ୟା ୫ ଘଟିକା ସୁଧା ଦାଖଲ କରିବେ ।

୧୯. ଅସମ୍ପୂର୍ଣ୍ଣ ଦରଖାସ୍ତ ଏବଂ ନିର୍ଦ୍ଧାରିତ ତାରିଖ ପରେ ପ୍ରାପ୍ତ ହୋଇଥିବା ଦରଖାସ୍ତ ଗୁଡ଼ିକ ଗ୍ରହଣ କରାଯିବ ନାହିଁ ।

**ସ୍ଥାନ –**

**ତାରିଖ -**

# **ଛାତ୍ର/ଛାତ୍ରୀ ଟ୍ରାଫିକ୍ ସ୍ୱେଚ୍ଛାସେବୀ କାର୍ଯ୍ୟ କରିବା ନିମନ୍ତେ ଆବେଦନ ପତ୍ର ।**

**ଫୋଟୋ ଲଗାଇବେ**

୧. ନାମ - ବୟସ-

୨. ପିତା/ସ୍ୱାମୀଙ୍କର ନାମ -

୩. ସ୍ଥାୟୀ ଠିକଣା –

ଗ୍ରାମ - ପୋ - ଥାନା –

ଜିଲ୍ଲା - ପିନ୍ –

୪. ବର୍ତ୍ତମାନ ଠିକଣା –

ଗ୍ରାମ - ପୋ - ଥାନା –

ଜିଲ୍ଲା - ପିନ୍ –

୫. ଚିହ୍ନଟ ନିମନ୍ତେ ଶରୀରରେ ଥିବା ଦାଗ –

୬. ଶିକ୍ଷାଗତ ଯୋଗ୍ୟତା –

୭. କଲେଜ/ମହାବିଦ୍ୟାଳୟର ନାମ ଓ ଶ୍ରେଣୀ –

୮. ଯୋଗାଯୋଗ ପାଇଁ ମୋବାଇଲ ନମ୍ବର –

୯. ଡ୍ୟୁଟି ନିମନ୍ତେ ନିଜ ପସନ୍ଦର ୩ ଗୋଟି ଛକର ନାମ ଓ ସମୟ –

୧୦. ବ୍ୟାଙ୍କ ଜମଖାତାର ନମ୍ବର - ( ବ୍ୟାଙ୍କ ଜମାଖାତାର ନକଲ ସଂଲଗ୍ନ କରିବେ )

## ଘୋଷଣାନାମା

ଶ୍ରୀ/ଶ୍ରୀମତୀ/କୁମାରୀ .. ବୟସ .. ବର୍ଷ

ପିତା/ସ୍ୱାମୀ - ଗ୍ରାମ - ପୋ -

ଥାନା – ଜିଲ୍ଲା - ପିନ୍ –

ବର୍ତ୍ତମାନ ଠିକଣା-ଗ୍ରାମ - ପୋ – ଥାନା –

ଜିଲ୍ଲା - ପିନ୍ – , ଭୁବନେଶ୍ୱର ଏଉଦ୍ୱାରା ଘୋଷଣା କରୁଅଛି କି ମୁଁ ଛାତ୍ର/ଛାତ୍ରୀ ଟ୍ରାଫିକ୍ ସ୍ୱେଚ୍ଛାସେବୀ ବୃତିଗତ ଯୋଜନାକୁ ଭଲଭାବେ ବୁଝିଅଛି । ଏହା ଏକ ସମ୍ପୂର୍ଣ୍ଣ ସ୍ୱେଚ୍ଛାସେବୀ କାର୍ଯ୍ୟ ଅଟେ । ମୁଁ ଏହା ମଧ୍ୟ ବୁଝିଅଛି ଯେ ଏହା ଏକ ଶାରୀରିକ ଭାବେ କ୍ଲାନ୍ତି ସୃଷ୍ଟିକାରୀ ଓ ବିପଦ ପୂର୍ଣ କାର୍ଯ୍ୟ ଅଟେ । ମୁଁ ମୋ ନିଜ ଇଛାରେ ସାଧାରଣ ଜନତାଙ୍କର ସେବା କରିବା ନିମନ୍ତେ ଆଗ୍ରହୀ ଅଟେ । କୌଣସି ବ୍ୟକ୍ତି/ଅନୁଷ୍ଠାନ ମୋତେ ଏହି କାର୍ଯ୍ୟ କରିବା ନିମନ୍ତେ ବାଧ କରିନାହାନ୍ତି । ତେଣୁ ଏହି ସ୍ୱେଚ୍ଛାସେବୀ କାର୍ଯ୍ୟ ସମ୍ପାଦନ ସମୟରେ କୌଣସି ପ୍ରକାରର ଦୁର୍ଘଟଣା ପାଇଁ କେହି ଦାୟୀ ହେବେ ନାହିଁ ।

ମୁଁ ଉପରୋକ୍ତ ନିୟମାବଳୀକୁ ପଢ଼ି ବୁଝିଅଛି । ମୁଁ ଏତଦ୍ୱାରା ଘୋଷଣା କରୁଅଛି ଯେ ମୁଁ ନିଜ ଇଚ୍ଛାରେ ସମସ୍ତ ସର୍ତକୁ ପାଳନ କରିବା ନିମନ୍ତେ ସମ୍ମତି ପ୍ରଦାନ କରୁଅଛି । ମୁଁ ଏତଦ୍ୱାରା ଘୋଷଣା କରୁଅଛି କି ମୁଁ କୌଣସି ଫୌଜଦାରୀ ମାମଲାରେ ଜଡିତ ନାହିଁ କିମ୍ବା କୌଣସି ମାମଲା ମୋ ବିରୁଦ୍ଧରେ ଥାନା କିମ୍ବା କୋର୍ଟରେ ବିଚାରଧିନ ନାହିଁ ।

ମୁଁ ଏତଦ୍ୱାରା ଘୋଷଣା କରୁଅଛି କି ଉପରୋକ୍ତ ତଥ୍ୟଗୁଡ଼ିକ ସମ୍ପୂର୍ଣ୍ଣ ସତ୍ୟ ଅଟେ ।

**ପ୍ରାର୍ଥୀଙ୍କ ସମ୍ପୂର୍ଣ୍ଣ ସ୍ୱାକ୍ଷର**

୧. ପ୍ରଥମ ସାକ୍ଷୀଙ୍କ ସ୍ୱାକ୍ଷର –

ମୋବାଇଲ ନଂ. –

୨. ଦ୍ୱିତୀୟ ସାକ୍ଷୀଙ୍କ ସ୍ୱାକ୍ଷର –

ମୋବାଇଲ ନଂ. –

**<u>ସଂପୃକ୍ତ ବିଶ୍ୱବିଦ୍ୟାଳୟ/ମହାବିଦ୍ୟାଳୟ ମୁଖ୍ୟଙ୍କ ଘୋଷଣାନାମା</u>**

ମୁଁ ଅଧ୍ୟକ୍ଷ/ମୁଖ୍ୟ ବିଶ୍ୱବିଦ୍ୟାଳୟ/ ମହାବିଦ୍ୟାଳୟ ଏତଦ୍ୱାରା ପ୍ରମାଣିତ କରୁଅଛି ଯେ ଶ୍ରୀ/ଶ୍ରୀମତୀ/କୁମାରୀ.. ବୟସ.. ବର୍ଷ- ପିତା/ସ୍ୱାମୀ- ଗ୍ରାମ-

ପୋ - ଥାନା – ଜିଲ୍ଲା - ପିନ୍ –

ଆମ୍ଭ ଅନୁଷ୍ଠାନର ମସିହା ଠାରୁ ଜଣେ ଉତ୍ତମ ଚରିତ୍ର ଛାତ୍ର / ଛାତ୍ରୀ ଅଟନ୍ତି । ସେ ଛାତ୍ର /ଛାତ୍ରୀ ଟ୍ରାଫିକ୍ ସ୍ୱେଚ୍ଛାସେବୀ ରୂପେ କାର୍ଯ୍ୟ ପାଇଁ ଇଚ୍ଛୁକ ଅଟନ୍ତି ଏବଂ ତାଙ୍କୁ ଏହି କାର୍ଯ୍ୟ କରିବା ପାଇଁ କେହି ବାଧ କରିନାହାନ୍ତି ।

**ଅନୁଷ୍ଠାନ ମୁଖ୍ୟଙ୍କ ସ୍ୱାକ୍ଷର**